କ୍ଷେତ୍ରରେ ଥିବା ଚାପ ମୂଲ୍ୟ ସୂଚୀ ୭ ପ୍ରତିଶତ ରହିଥିଲା ।

# ନୂଆ ରୂପରେ ରାସ୍ତାରେ ଦୌଡ଼ିବ 'ଆମ୍ବାସାଡର'



ଭୁବନେଶ୍ୱର, ୨୦/୭(ଇମିସ): ବିଗତ ଦିନରେ ସଡ଼କର ରାଜା କୁହାଯାଉଥିବା ଆମ୍ବାସାଡର କାର ପୁଣି ଥରେ ନୂଆ ରୂପରେ ଆବିର୍ଭାବ ହେବ । ଆମ୍ବାସାଡର ନିର୍ମାତା ହିନ୍ଦୁସ୍ତାନ ମୋଟର୍ସ ପକ୍ଷରୁ ଓଡ଼ିଶାରେ ନୂଆ ମଡେଲ୍ ଆମ୍ବାସାଡର କାର୍ ବିକ୍ରି କରାଯିବା ବିଷୟରେ ଘୋଷଣା କରାଯାଇଛି । କୋଲକାତାର ଏହି ଅଟୋମୋବାଇଲ୍ କଂପାନି ଏହାର ସବୁଠୁ ଲୋକପ୍ରିୟ ମଡେଲ୍ କାର୍ ପାଇଁ ଓଡ଼ିଶାରେ ଏକ ରୋଡ଼ ସୋ' ଆୟୋଜନ କରିଥିଲା । ଏହି ଆମ୍ବାସାଡର ସମେତ ଏକ ୧୫୦୦ସିସିର ଲଘୁ ବାଣିଜ୍ୟିକ ଯାନ ଏଚଏମ୍-ୱିନରକୁ ପ୍ରଦର୍ଶନ କରାଯାଇଥିଲା । ଏହି ରୋଡ୍ ସୋ' ପୁରୀ ଓ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଥିବା ବେଳେ ଖୁବ୍‌ଶୀଘ୍ର ସମ୍ବଲପୁରରେ ଆୟୋଜନ କରାଯିବ । ନୂଆ ଆମ୍ବାସାଡରରେ ଗ୍ରାହକମାନେ ଏକ ସୁରକ୍ଷିତ ବଡ଼ି, ମାଜେଷ୍ଟିକ୍ ଲୁକ୍, ସୋଫା ଭଳି ପଛ ସିଟ୍ ଓ କମ୍ ରକ୍ଷଣା ବେକ୍ଷଣ ଖର୍ଚ୍ଚ ପ୍ରତି ଆକୃଷ୍ଟ ହୋଇଛନ୍ତି । କଂପାନି ଅଧିକାରୀଙ୍କ ପକ୍ଷରୁ କ୍ୱିଜ୍, ଲକି ଡିପ୍ସ ଓ ଆକର୍ଷଣୀୟ ଖେଳ ସବୁ ଆୟୋଜନ କରାଯାଇଥିଲା । କଂପାନିର ଦୁଇ ଯାନ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିଲା । ୱିନରର ଆକର୍ଷଣୀୟ ଲୁକ୍, ଅତ୍ୟାଧୁନିକ ବୈଷୟିକ ବୈଶିଷ୍ଟ୍ୟ ପ୍ରତି ଦେଖଣାହାରୀମାନେ ଆକୃଷ୍ଟ ହୋଇଛନ୍ତି । ୱିନର ଲିଟର ପ୍ରତି ୧୪ କିଲୋମିଟର ମାଇଲେଜ୍ ପ୍ରଦାନ କରୁଛି ।